# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**17 September – 2025**

---

## ସୁସ୍ଥ ନାରୀ ସଶକ୍ତ ପରିବାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମଧ୍ୟପ୍ରଦେଶର ଧାର୍ ଜିଲ୍ଲାରୁ 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନର ଶୁଭାରମ୍ଭ କରିବେ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏହି ଜାତୀୟ ପଦକ୍ଷେପ ସମନ୍ୱିତ ଅଭିଯାନ ଆଜିଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଚାଲିବ। ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ଇଡ୍‌କୋ ପଡିଆରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଉପସ୍ଥିତ ରହିବେ। ଏ ସଂପର୍କରେ ଡକ୍ଟର ମହାଲିଙ୍ଗ କହିଛନ୍ତି :

**V/O**

ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକୁ ପ୍ରୋତ୍ସାହିତ କରିବା, ମହିଳା ଏବଂ ବାଳିକାମାନଙ୍କ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ରହିଛି।

---

## ସେବା ପର୍ବ

କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଆଜିଠାରୁ ସେବା ପର୍ବ ପାଳନ କରାଯାଉଛି। ଅକ୍ଟୋବର ମାସ ୨ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା 'ସେବା ପର୍ବ' ସମୟରେ 'ଏକ ପେଡ୍ ମା'

କେ ନାମ୍-୨.୦' ର ଅଂଶ ଭାବରେ ଦେଶବ୍ୟାପୀ ଦେଢ଼କୋଟି ଚାରାରୋପଣ ଲକ୍ଷ୍ୟ ରଖାଯାଇଛି । ଏହି କ୍ରମରେ ସାରା ରାଜ୍ୟରେ ୭୫ ଲକ୍ଷ ଚାରା ରୋପଣ କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# ସ୍ୱଚ୍ଛତା ହିଁ ସେବା

ସ୍ୱଚ୍ଛତା ହିଁ ସେବା -୨୦୨୫ ଅଭିଯାନ ଆଜିଠାରୁ ସମଗ୍ର ଦେଶରେ ଆରମ୍ଭ ହେଉଛି । ଏହି ୧୫ ଦିନିଆ ଅଭିଯାନ ଆସନ୍ତା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ସ୍ୱଚ୍ଛତା ନେଇ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି ଲକ୍ଷ୍ୟନେଇ ଏହି ଅଭିଯାନ ଆରମ୍ଭ କରାଯାଉଛି । ଗ୍ରାମ ତଥା ସହରାଞ୍ଚଳରେ ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଆସନ୍ତା ୨୫ ତାରିଖରେ ଦେଶବ୍ୟାପୀ ସ୍ୱେଚ୍ଛାସେବୀ ଶ୍ରମଦାନ **ଏକ୍ ଦିନ, ଏକ ଘଣ୍ଟା, ଏକ ସାଥ୍** କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

## ଧନ୍ୟବାଦ ମୋଦୀ ଉତ୍ସବ

ସୁଭଦ୍ରା ଯୋଜନାର ୧ ବର୍ଷ ପୂର୍ତ୍ତି ଅବସରରେ ଆଜି ଓଡ଼ିଶା ସରକାର ରାଜ୍ୟବ୍ୟାପୀ 'ଧନ୍ୟବାଦ ମୋଦୀ' ଉତ୍ସବ ପାଳନ କରୁଛନ୍ତି। ରାଜ୍ୟର ୩୩୮ଟି ସିଡିପିଓ ୟୁନିଟ୍‌ରେ ଧନ୍ୟବାଦ ମୋଦୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି। ଅଙ୍ଗନୱାଡି କେନ୍ଦ୍ରରେ ଆଜିଠାରୁ ପୋଷଣ ମାସ ଆରମ୍ଭ ହେବା ସହ ସୁଭଦ୍ରାର ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ସମ୍ମିଳିତ ଭାବରେ ପାଳନ କରାଯିବ।

## ପୂର୍ତ୍ତ ମନ୍ତ୍ରୀ

ସଡ଼କ ନିର୍ମାଣରେ ଟେରାଜାଇମ୍ ବ୍ୟବହାର କରି ପରିବେଶ ଅନୁକୂଳ ତଥା ଦୀର୍ଘସ୍ଥାୟୀ ସଡ଼କ ନିର୍ମାଣ ଉପରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁତ୍ୱାରୋପ କରିଛନ୍ତି । ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ ବୈଠକରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଟେରାଜାଇମ୍ ହେଉଛି ଉଦ୍ଭିଦ ନିଷ୍କାସନରୁ ପ୍ରସ୍ତୁତ ଏକ ପ୍ରାକୃତିକ ଅଣବିଷାକ୍ତ ଓ ଜୈବିକ ତରଳ ପଦାର୍ଥ । ପ୍ରାକୃତିକ ଉପାୟରେ ପ୍ରସ୍ତୁତ ଏହି ବାୟୋ ଏଞ୍ଜାଇମେଟିକ୍ ସଏଲ୍ ଷ୍ଟାବିଲାଇଜର ଦ୍ୱାରା ସଡ଼କ ନିର୍ମାଣକୁ ଅଧିକ ମଜବୁତ ଓ ଦୀର୍ଘସ୍ଥାୟୀ କରାଯାଇପାରିବ । ଏଥିସହ ସ୍ଥାନୀୟ ମାଟିର ଗୁଣମାନ ମଧ୍ୟ ବୃଦ୍ଧି କରାଯାଇ ପାରିବ ବୋଲି ମନ୍ତ୍ରୀ କହିଛନ୍ତି ।

## କଟକ-ପ୍ରକଳ୍ପ

କଟକରେ ପ୍ରସ୍ତାବିତ ସ୍ୱତନ୍ତ୍ର ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତା ଅଗ୍ରଗତି ସଂପର୍କରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସମୀକ୍ଷା କରିଛନ୍ତି । ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଶ୍ରୀ ଆହୁଜା କହିଛନ୍ତି, ଓଏମ୍ପି ଛକର ବିକାଶ ପାଇଁ ସେଠାରେ ଭେଣ୍ଡିଂ ଜୋନ୍, ଆଇଟି ପାର୍କ ଓ କନ୍‌ଭେନ୍ ସେଣ୍ଟର ନିର୍ମାଣ, ମହାନଦୀରେ ଆଉ ଏକ ବ୍ୟାରେଜ୍ ନିର୍ମାଣ କରାଯିବ। ଶ୍ରୀ ଆହୁଜା ନୂଆପାଟଣାରେ ହସ୍ତତନ୍ତ ପ୍ରକଳ୍ପର ଅଗ୍ରଗତି, ବଡ଼ମ୍ବାରେ ଚିନିକଳ ପୁନରୁଦ୍ଧାର ସହ ଜିଲ୍ଲାର ବିଭିନ୍ନ

ସ୍ଥାନରେ ଶୀତଳ ଭଣ୍ଡାର ନିର୍ମାଣ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ନୀତି ଆୟୋଗ ବୈଠକ

ରାଜ୍ୟ ସରକାର ଓ ନୀତି ଆୟୋଗଙ୍କ ପକ୍ଷରୁ ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଅର୍ଥନୈତିକ କ୍ଷେତ୍ରର ବିକାଶ ସଂପର୍କିତ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି । ନୀତି ଆୟୋଗର ପ୍ରମୁଖ ପରାମର୍ଶଦାତା ଆନ୍ନା ରାୟ କାର୍ଯ୍ୟକ୍ରମରେ ଯୋଗଦେଇ ଅର୍ଥନୈତିକ କରିଡର ପାଇଁ ଏକ ସଂପୂର୍ଣ୍ଣ ଅଭିବୃଦ୍ଧି ରଣନୀତି ଉପରେ ଆଲୋଚନା କରିଥିଲେ ।

# ନଗର ଉନ୍ନୟନ ମନ୍ତ୍ରୀ

୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ ରାଜ୍ୟ କରିବା ପାଇଁ ନଗର ଓ ଗୃହ ନିର୍ମାଣ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଆହ୍ୱାନ ଦେଇଛନ୍ତି । ଭଦ୍ରକ ଜିଲ୍ଲା ଚାନ୍ଦବାଲିଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ମହାପାତ୍ର ଯୋଗଦେଇଥିଲେ ।

# ଚାରାରୋପଣ

ବରଗଡ଼ ଜିଲ୍ଲା କଳାପାଣି ଗାନ୍ଧି ସ୍ମାରକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ୍ ପେଡ୍ ମା କେ ନାମ୍ ରେ ଚାରା ରୋପଣ କାର୍ଯ୍ୟକ୍ରମ

ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଯୋଗଦେଇ ଚାରା ରୋପଣ ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି ।

## ଅଗ୍ନିକାଣ୍ଡ- କୌଶଳ

ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଗ୍ନିସେବା ବିଭାଗ ପକ୍ଷରୁ ଉମରକୋଟ ସମନ୍ୱିତ ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟରେ ଅଗ୍ନି ନିରାପତ୍ତା ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଗ୍ନିଶମ ବିଭାଗ କର୍ମଚାରୀମାନେ ମକ୍ ଡ୍ରିଲ୍ କରିବା ସହ ଅଗ୍ନିକାଣ୍ଡ ସମୟରେ ନିଜକୁ ସୁରକ୍ଷିତ ରଖିବାର ବିଭିନ୍ନ କୌଶଳ ସଂପର୍କରେ ତାଲିମ ଦେଇଥିଲେ ।

## ବିଶ୍ୱକର୍ମା ପୂଜା

ବିଶ୍ୱ ନିର୍ମାଣକର୍ତ୍ତା ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ପାଇଁ ଆଜି ରାଜ୍ୟର ବିଭିନ୍ନ ସ୍ଥାନ ଉତ୍ସବମୁଖର ହୋଇଛି । ଦେବଶିଳ୍ପୀଙ୍କ ପୂଜା ଆଶ୍ୱିନ କନ୍ୟା ସଂକ୍ରାନ୍ତୀରେ ପାଳନ କରାଯାଇଥାଏ । ରାଜ୍ୟର ଶିଳ୍ପାନୁଷ୍ଠାନ ଗୁଡ଼ିକରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା କରାଯାଉଛି ।

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବା ସମ୍ଭାବନା ରହିଛି । ଏ ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

## ପ୍ରୋ-ଟ୍ୱେଣ୍ଟି

କଟକ ବାରବାଟୀ ଷ୍ଟାଡିୟମରେ ଆଜିଠାରୁ ପ୍ରୋ-ଟ୍ୱେଣ୍ଟି କ୍ରିକେଟ ଲିଗ୍ ଖେଳାଯିବ । ଉଦ୍‌ଘାଟନୀ ମ୍ୟାଚ୍ ଭୁବନେଶ୍ୱର ଟାଇଗର୍ସ ଓ କଟକ ପାନ୍ଥର୍ସ ମଧ୍ୟରେ ଅନୁଷ୍ଠିତ ହେବ । ଆସନ୍ତା ୨୬ ତାରିଖ ପର୍ଯ୍ୟ ଚାଲିବାକୁ ଥିବା ଏହି ଲିଗ୍‌ରେ ମୋଟ୍ ୧୮ଟି ମ୍ୟାଚ୍ ଖେଳାଯିବ ।